# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

**27th September - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ତୃଣମୂଳ ସ୍ତରରେ ସରକାରୀ ଯୋଜନାର ସଠିକ୍ କାର୍ଯ୍ୟକାରିତା ଦିଗରେ ଜିଲ୍ଲାପାଳମାନଙ୍କର ଗୁରୁଦାୟିତ୍ୱ ରହିଛି; କହିଲେ ମୁଖ୍ୟମନ୍ତ୍ରୀ ।

- ମେକ୍ ଇନ୍ ଇଣ୍ଡିଆର ୧୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଆଜି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ର ଲୋଗୋକୁ କରିବେ ଲୋକାର୍ପଣ ।

- ପର୍ଯ୍ୟଟନ ଓ ଶାନ୍ତିର ବାର୍ତ୍ତା ନେଇ ଆଜି ବିଶ୍ୱରେ ପାଳନ କରାଯାଉଛି ବିଶ୍ୱ ପର୍ଯ୍ୟଟନ ଦିବସ ।

ଏବଂ

- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ନେଇ ପାଣିପାଗ ବିଭାଗର ସୂଚନା ।

*BBSR/R*

## ଜିଲ୍ଲାପାଳ ସମ୍ମିଳନୀ

ତୃଣମୂଳ ସ୍ତରରେ ସରକାରୀ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ କରିବାରେ ଜିଲ୍ଲାପାଳମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ନେଇ ଆଜି ଭୁବନେଶ୍ୱରଠାରେ ଜିଲ୍ଲାପାଳମାନଙ୍କର ଦୁଇଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି । ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦ୍‌ଘାଟନ କରି କହିଛନ୍ତି, ସରକାର ଏବଂ ଲୋକଙ୍କ ମଧ୍ୟରେ ଜିଲ୍ଲାପାଳ ହେଉଛନ୍ତି ମୁଖ୍ୟ ସେତୁ ।  ନିୟମିତ ଭାବେ ସ୍କୁଲ୍, ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, ସରକାରୀ କାର୍ଯ୍ୟାଳୟକୁ ଜିଲ୍ଲାପାଳମାନେ ବୁଲି ଦେଖିବାପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି । ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନା ଏବଂ ସରକାରଙ୍କର ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ କହିଛନ୍ତି ।

***Voice :........***

*Desk, BBSR/R*

## ମେକ୍ ଇନ୍ ଓଡ଼ିଶା ଲୋଗୋ

କେନ୍ଦ୍ର ସରକାରଙ୍କର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ଆଜି ଦଶବର୍ଷ ପୂରଣ ହୋଇଛି । ପ୍ରଯୁକ୍ତି ଆଧାରିତ ଷ୍ଟାର୍ଟଅପ୍ ଇକୋସିଷ୍ଟମ କ୍ଷେତ୍ରରେ

ଭାରତ ବିଶ୍ୱର ତୃତୀୟ ସ୍ଥାନ ହାସଲ କରିଛି । ଭାରତରେ ପ୍ରସ୍ତୁତ ଅତ୍ୟାଧୁନିକ ରେଳଡବା ସହିତ ଦେଶର ପ୍ରଥମ ସ୍ୱଦେଶୀ ଟ୍ରେନ୍ ବନ୍ଦେ ଭାରତ ଚଳାଚଳ କରୁଛି । ମହାକାଶ କ୍ଷେତ୍ରଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରିକ୍ ଯାନ ପ୍ରସ୍ତୁତି ପର୍ଯ୍ୟନ୍ତ, ସରକାରଙ୍କର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ବାସ୍ତବ ରୂପ ନେଇଛି । ପ୍ରଗତିର ନୂତନ ସୂର୍ଯ୍ୟୋଦୟ ଏବଂ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ମେକ୍ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ର ଲୋଗ୍‌କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିବେ ।

ପୂର୍ବ ଭାରତରେ ଓଡ଼ିଶାକୁ ଶିଳ୍ପାୟନର କେନ୍ଦ୍ରସ୍ଥଳ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ନିବେଶକମାନେ ପୁଞ୍ଜିନିବେଶ କରିବାପାଇଁ ଯେପରି ଭାବେ ଆକର୍ଷିତ ହେବେ, ସରକାର ସେଥିଲାଗି ବ୍ୟବସ୍ଥା କରୁଛନ୍ତି । ରାଜ୍ୟର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ ବୋଲି ସରକାର କହିଛନ୍ତି ।

***Desk***

# ପି.ଏମ୍. କିଷାନ ସହାୟତା

କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ଆରମ୍ଭ କରିଥିବା ପି.ଏମ୍. କିଷାନ ଯୋଜନାର ୧୮ତମ କିସ୍ତି ଆସନ୍ତା

ଅକ୍ଟୋବର ମାସ ୫ ତାରିଖ ଦିନ ପ୍ରଦାନ କରାଯିବ । ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ୩ଟି କିସ୍ତିରେ ବାର୍ଷିକ ମୋଟ୍ ୬ ହଜାର ଟଙ୍କା କେନ୍ଦ୍ର ସରକାର ଏହି ଯୋଜନାରେ ସହାୟତା ପ୍ରଦାନ କରୁଛନ୍ତି । ଯୋଜନାର ୧୬ତମ କିସ୍ତିରେ ଦେଶର ୯ କୋଟି ୩୦ ଲକ୍ଷରୁ ଅଧିକ ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯାଇଥିଲା । ସୂଚନାଯୋଗ୍ୟ, କେନ୍ଦ୍ର ସରକାର ପି.ଏମ୍. କିଷାନ ନିଧି ଯୋଜନା ୨୦୧୮ ମସିହା ଡିସେମ୍ବର ମାସରେ ଆରମ୍ଭ କରିଥିଲେ ।

*Desk*

## ତମାଖୁ ବର୍ଜନ ଦିବସ - ଓଡ଼ିଶା

ତମାଖୁ ବର୍ଜନ କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି । ବିଶ୍ୱ ତମାଖୁ ବର୍ଜନ ଦିବସ -୨୦୨୪ ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାକୁ  ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ମୌଲାନା ଆଜାଦ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସ ସମ୍ମାନିତ କରିଛି । ତମାଖୁ ବର୍ଜନ ଜାତୀୟ ସମ୍ବଳ କେନ୍ଦ୍ରଦ୍ୱାରା ତମାଖୁ ବର୍ଜନ ସମ୍ପର୍କିତ ବିଭିନ୍ନ ପଦକ୍ଷେପର ସବିଶେଷ ମୂଲ୍ୟାଙ୍କନ କରାଯାଇ ଏହି ସମ୍ମାନ ପ୍ରଦାନ କରାଯାଇଛି ।

*Desk*

# ପ୍ରସବକାଳୀନ ଛୁଟି

ସରୋଗେସୀ କିମ୍ବା ଉଦ୍ଧାର ମାତୃତ୍ୱ ଲାଭ କରୁଥିବା ସରକାରୀ କର୍ମଚାରୀମାନଙ୍କୁ ୬ ମାସ ମାତୃତ୍ୱ ଛୁଟି ମିଳିବ । ପୁରୁଷ କର୍ମଚାରୀମାନଙ୍କୁ ମଧ୍ୟ ୧୫ ଦିନ ପିତୃତ୍ୱ ଛୁଟି ମିଳିବା ନେଇ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ପୂର୍ବରୁ ସାଧାରଣ ମାତୃତ୍ୱ କ୍ଷେତ୍ରରେ ମହିଳା କର୍ମଚାରୀମାନଙ୍କୁ ୬ ମାସ ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ମିଳୁଥିଲା । କେନ୍ଦ୍ର ସରକାର ଗତ ଜୁନ୍ ମାସରେ ସରୋଗେସୀ ମାତୃତ୍ୱ ଏବଂ ପିତୃତ୍ୱକୁ ଛୁଟି ଘୋଷଣା କରିବା ପରେ ରାଜ୍ୟ ସରକାର ଅନୁରୂପ ପଦକ୍ଷେପ ନେଇଛନ୍ତି । ନିୟମ ଅନୁସାରେ ଜଣେ ମହିଳା କର୍ମଚାରୀଙ୍କର ଦୁଇରୁ କମ୍ ଜୀବିତ ସନ୍ତାନ ଥାଇ ସରୋଗେଟ୍ ମାତୃତ୍ୱ ଲାଭ କରିବା କ୍ଷେତ୍ରରେ ୧୮୦ ଦିନର ମାତୃତ୍ୱ ଛୁଟି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ।

*Desk, Puri, Sonepur/R*

# ବିଶ୍ୱ ପର୍ଯ୍ୟଟନ ଦିବସ

**ପର୍ଯ୍ୟଟନ ଏବଂ ଶାନ୍ତିର ବାର୍ତ୍ତା** ନେଇ ଆଜି ଦେଶବ୍ୟାପୀ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି । ୧୯୮୦ ମସିହାଠାରୁ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱବ୍ୟାପୀ ପାଳନ

କରାଯାଇଆସୁଛି। ପର୍ଯ୍ୟଟନର ବିକାଶ ପାଇଁ ସବୁଜ ନିବେଶ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି । ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଭିନ୍ନ ପର୍ଯ୍ୟଟନ ସମ୍ବନ୍ଧୀୟ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ଦେଶର ଅର୍ଥନୀତିକୁ ସୁଦୃଢ଼ କରାଇବା ଏବଂ  ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ପରିଚିତ କରିବା ପାଇଁ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପର୍ଯ୍ୟଟନ ସାଂସ୍କୃତିକ ଆଦାନ ପ୍ରଦାନ ଏବଂ ଲୋକମାନଙ୍କ ମଧ୍ୟରେ ସଂପର୍କ ବଢ଼ାଇବା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଶାନ୍ତିସ୍ତୂପ ଧଉଳିଠାରୁ କୋଣାର୍କର ସୂର୍ଯ୍ୟମନ୍ଦିର ପର୍ଯ୍ୟନ୍ତ ହେରିଟେଜ୍ ମୋଟର୍ ସାଇକେଲ୍ ର୍‌ୟାଲି ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ପର୍ଯ୍ୟଟନକୁ କିପରି ଲୋକାଭିମୁଖୀ କରାଯାଇପାରିବ, ର୍‌ୟାଲି ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା । ପୁରୀ ଜିଲ୍ଲାର କୋଣାର୍କ ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ନିକଟରେ ସ୍ୱର୍ଣ୍ଣିମ ବେଳାଭୂମି ଏବଂ ଏହାର ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ରାମଚଣ୍ଡୀ ପର୍ଯ୍ୟଟକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରିଛି । ଏହି ଅବସରରେ ପୁରୀ ବେଳାଭୂମିରେ ସଫେଇ ଏବଂ ସ୍ୱଚ୍ଛତାର ବାର୍ତ୍ତାକୁ ନେଇ ଲୋକମାନଙ୍କୁ ସଚେତନ କରାଯାଇଥିଲା ।

ସୁବର୍ଣ୍ଣପୁରଠାରେ ସ୍କୁଲ୍ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଯୋଗଦେଇ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ

ସ୍କୁଲୀଗୁଡ଼ିକରେ ସ୍ୱଚ୍ଛତା ସହ ସବୁଜ ପରିବେଶ ସୃଷ୍ଟି ଉପରେ ଧ୍ୟାନ ଦେବା ନିମନ୍ତେ ଗୁରୁତ୍ୱାରୋପ କରିଥିଲେ ।

***PIB, Nayagarh/R***

## ପୋଷଣ ମାସ

ସେପ୍ଟେମ୍ବର ମାସକୁ ପ୍ରତିବର୍ଷ କେନ୍ଦ୍ର ଓ ରାଜ୍ୟ ସରକାର ପୋଷଣ ମାସ ଭାବେ ପାଳନ କରିଥା'ନ୍ତି । ସୁସ୍ଥ ଭାରତ ଗଠନ ଲକ୍ଷ୍ୟ ନେଇ ପୋଷଣ ମାସ-୨୦୨୪ ଦେଶବ୍ୟାପୀ ପାଳନ କରାଯାଉଛି । ଚଳିତ ବର୍ଷ ରକ୍ତହୀନତାକୁ ଦୂର କରିବା, ଅଭିବୃଦ୍ଧିକୁ ନିରୀକ୍ଷଣ କରିବା, ଉତ୍ତମ ପ୍ରଶାସନ ଓ ପ୍ରଯୁକ୍ତି ବଳରେ ସଫଳ ସେବା ପ୍ରଦାନ ଏବଂ ଅତିରିକ୍ତ ପୋଷଣ ସମ୍ବନ୍ଧୀୟ ବାର୍ତ୍ତା ନେଇ ଲୋକମାନଙ୍କୁ ସଚେତନ କରାଯାଉଛି ।

କେନ୍ଦ୍ର ସରକାରଙ୍କ ଏହି ଯୋଜନା ଅଧୀନରେ ଜିଲ୍ଲାସ୍ତରୀୟ ସପ୍ତମ ପୋଷଣ ମାସ ନୟାଗଡ଼ଠାରେ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ପୋଷଣ ମାସ ପାଳନର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀଅନ୍ନରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରଦର୍ଶିତ ହୋଇଥିଲା ।

*Nayagarh/R*

# ମା’ ପାଇଁ ଗଛଟିଏ

ନୟାଗଡ଼ ଜିଲ୍ଲାରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ପକ୍ଷରୁ ମା’ଙ୍କ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଦଳର ବହୁ କର୍ମକର୍ତ୍ତା ଯୋଗ ଦେଇ ଗ୍ରାମବାସୀମାନଙ୍କୁ ଆମ୍ବ, ପଣସ ଓ କଦଳୀ ଗଛର ଚାରା ବଣ୍ଟନ କରିଥିଲେ । ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ଅନୀଲ କୁମାର ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କୃଷିବିଜ୍ଞାନ କେନ୍ଦ୍ର ଦ୍ୱାରା ଲୋକମାନେ କିପରି ଉପକୃତ ହୋଇପାରିବେ, ସେ ବିଷୟରେ ସୂଚନା ଦେଇଥିଲେ ।

*Bhadrak/R*

# ସ୍ୱଚ୍ଛତା କାର୍ଯ୍ୟକ୍ରମ

ଭଦ୍ରକ ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ପୌର ପରିଷଦର କର୍ମଚାରୀ, ସ୍ୱଚ୍ଛସାଥୀ ଏବଂ ଅନ୍ୟମାନେ ଯୋଗଦେଇ ସହରର ବିଭିନ୍ନ ସ୍ଥାନରେ ସଫେଇ କରିଥିଲେ । ପରିବେଶକୁ ନିର୍ମଳ ଏବଂ ସ୍ୱଚ୍ଛ ରଖିବା ନେଇ ସଚେତନ ରହିବାପାଇଁ ବାର୍ତ୍ତା ଦିଆଯାଇଥିଲା । ପ୍ରଧାନମନ୍ତ୍ରୀଙ୍କର ସ୍ୱଚ୍ଛତା ଅଭିଯାନକୁ କେନ୍ଦ୍ର ଓ ରାଜ୍ୟ ସରକାର ପାଳନ କରୁଥିବାରୁ କର୍ମଚାରୀମାନେ କୃତଜ୍ଞତା ଜଣାଇଥିଲେ ।

*Sonepur/R*

# ସ୍ୱଚ୍ଛତା ହିଁ ସେବା

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନ୍ତର୍ଗତ ଡାକ୍ତରଖାନା ପରିସର ସଫେଇ କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡ଼ାକ୍ତର ସମୀର ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତାକୁ ନେଇ ଶପଥ ପାଠ କରାଯାଇଥିଲା । ସ୍ୱଭାବରେ ସ୍ୱଚ୍ଛତା, ସଂସ୍କାରରେ ସ୍ୱଚ୍ଛତା ଉପରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା ।

*Ganjam/R*

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀ - ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷା ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସମାଜରେ ଉପଯୁକ୍ତ ଜୀବନଶୈଳୀ ଯାପନ କରିପାରିବେ, ସେହି ସମ୍ବନ୍ଧରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା । ଜିଲ୍ଲାର ପୋଲସରା, ଜଗନ୍ନାଥପ୍ରସାଦ ଏବଂ ବୁଗୁଡ଼ାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୦୦ ଜଣ ସ୍ୱଳ୍ପ ଦୃଷ୍ଟିବାଧିତ, ଗ୍ରହଣ ଖଣ୍ଡିଆ, ମସ୍ତିଷ୍କ ପକ୍ଷାଘାତ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ସୁସ୍ଥ ଓ

ନିରାମୟ ଜୀବନ ବିତାଇବାପାଇଁ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଡାକ୍ତରୀଦଳ ସେମାନଙ୍କର ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ ।

***Desk***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜିଠାରୁ ବର୍ଷାର ପରିମାଣ କମିବ । ରାଜ୍ୟରେ ଚଳିତ ମୌସୁମୀ ଋତୁରେ ଜୁନ୍ ପହିଲାଠାରୁ ବର୍ତ୍ତମାନ ସୁଦ୍ଧା ୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି । ସ୍ୱାଭାବିକ ବର୍ଷା ୧ ହଜାର ୧୨୫ ଦଶମିକ ୭ ମିଲିମିଟର ତୁଳନାରେ ଗତକାଲି ସୁଦ୍ଧା ୧ ହଜାର ୫୧ ଦଶମିକ ୧ ମିଲିମିଟର ବର୍ଷା ହୋଇଛି । ପୁରୀ ଓ ଭଦ୍ରକ ସମେତ ୮ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ସୂଚନା ମିଳିଛି । ୨୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନାରୁ ଜଣାପଡ଼ିଛି । ଅନ୍ୟପକ୍ଷରେ ଆସନ୍ତା ମାସ ୬ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି ।

*****